# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



ପରମେଶ୍ୱର

ଅବ୍ରାହାମ୍ଙ୍କ ପ୍ରେମ

ପରିକ୍ଷା କଲେ ।

ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଉପଯୋଜକ: M. Maillot; Tammy S.
Alastair P.
ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଗୋଟିଏ ରାତ୍ରିରେ ପରମେଶ୍ୱର
ଅବ୍ରାହାମ୍‌ଙ୍କୁ ଏକ ଭିନ୍ନ ଧରଣର
ଆଜ୍ଞା ଦେଲେ । ଏହା ଏକ କେବଳ
ପରିକ୍ଷା ଥିଲା, ପରମେଶ୍ୱର ଜାଣିବାକୁ
ଚାହୁଁଥିଲେ ଯେ ଅବାହାମ୍ ନିଜର ପୁତ୍ର
ଇସ୍‌ହାକ୍‌ଙ୍କୁ କି
ପରମେଶ୍ୱରଙ୍କ ଠାରୁ
ଅଧିକ ଭଲ ପାଆନ୍ତି ।


ତୁମ୍ଭର ପୁତ୍ର ଇସ୍‌ହ୍‌କଙ୍କୁ ନେଇଯାଅ, ତାଙ୍କୁ ହୋମବଳି ରୂପେ ଉତ୍ସର୍ଗ କର, ପରମେଶ୍ୱର ଅବ୍ରାହାମ୍‌ଙ୍କୁ ଆଜ୍ଞାକଲେ ।
ଇସ୍‌ହାକଙ୍କୁ ହୋମବଳ ଉତ୍ସର୍ଗ? ନିଜର ସନ୍ତାନକୁ ହୋମବଳି ଦେବା? ତାହା ଅବ୍ରାହାମ୍‌ଙ୍କ ନିମନ୍ତେ ଅତ୍ୟଧିକ କଷ୍ଟକର ଥିଲା ।
ସେ ତାଙ୍କର ପୁତ୍ରଙ୍କୁ ବହୁତ ଭଲପାଉଥିଲେ ।

କିନ୍ତୁ ଅବ୍ରାହାମ୍ ପରମେଶ୍ୱରଙ୍କଠାରେ
ସେହି ସମୟରୁ ଭରଷା ରଖିବା
ଶିକ୍ଷା କରିଥିଲେ ଯେଉଁ ସମୟରେ କି ସେ
ପରମେଶ୍ୱରଙ୍କୁ
ବୁଝିପାରୁନଥିଲେ ।



ସକାଳ ସମୟରେ ଅବ୍ରାହାମ୍ ନିଜର
ପୁତ୍ର ଇସ୍ହାକ ଓ ଦୁଇଜଣ ଚାକର
ମାନଙ୍କ ସହିତ ହୋମବଳି ଉତ୍ସର୍ଗ କରିବାକୁ
ପର୍ବତ ଅଭିମୁଖେ ଯାତ୍ରା
ଆରମ୍ଭ କଲେ ।



ଯାତ୍ରା ଆଗରୁ, ଅବ୍ରାହାମ୍ ହୋମବଳି ନିମନ୍ତେ
କାଷ୍ଠ ସଜାଡ଼ିଲେ, ଅବ୍ରାହାମ୍
ପରମେଶ୍ୱରଙ୍କୁ ବାଧ୍ୟ
ହେବାକ ସ୍ଥିର କଲେ ।





ତୃତୀୟ ଦିନର ଯାତ୍ରାର ପରେ
ସେମାନେ, ହୋମବଳି ଉତ୍ସର୍ଗ କରିବା
ପର୍ବତ ପାଖରେ ପହଞ୍ଚିଲେ । ଏଠାରେ
ରୁହ, ଅବ୍ରାହାମ୍ ନିଜର
ଚାକର ମାନଙ୍କୁ କହିଲେ ।
ଆମ୍ଭେ ଯାଇ ବଳି ଉତ୍ସର୍ଗ
କରି ଏହି ସ୍ଥାନକୁ ଫେରି
ଆସିବୁ । ଇସ୍ହାକ କାଷ୍ଠ ନିଜ କାନ୍ଧରେ
ଭୂଇଁଲେ, ଅବ୍ରାହାମ୍ ଅଗ୍ନି ଓ ଛୁରି ବହନ କଲେ ।

ହୋମବଳି ନିମନ୍ତେ ମେଷ କାହିଁ?

ଇସ୍‌ହାକ ପଚାରିଲେ । ପରମେଶ୍ୱର ନିଜେ

ମେଷ ଯୋଗାଇବେ, ଅବ୍ରାହାମ୍ କହିଲେ ।





ଦୁହେଁ ପରମେଶ୍ୱରଙ୍କ ଦ୍ୱାରା ନିରୂପିତ ସେହି ସ୍ଥାନରେ ପହଞ୍ଚିଲେ । ସେଠାରେ ଅବ୍ରାହାମ୍ ହୋମବଳି ନିମନ୍ତେ ଏକ ବେଦି ନିର୍ମାଣ କଲେ ଏବଂ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ହୋମବଳି ଉତ୍ସର୍ଗ ନିମନ୍ତେ ବେଦି ଉପରେ କାଷ୍ଠ ସଜାଇଲେ ।

ଅବ୍ରାହାମ୍ ଅନେକ ବଳି ଉତ୍ସର୍ଗ ବେଦି
ନିର୍ମାଣ କରିଥାଇ ପାରନ୍ତେ, ନିଶ୍ଚିତଭାବରେ
ସମସ୍ତ ବେଦିମାନଙ୍କଠାରୁ ଏହି ବେଦିଟିକୁ
ଗଢ଼ିବାକୁ ଅଧିକ କଷ୍ଟକର
ହୋଇଥାଇପାରେ ।



ଅବ୍ରାହାମ୍ ନିଜର ପ୍ରିୟ ପୁତ୍ର ଇସ୍ହାକଙ୍କୁ ବାନ୍ଧିପକାଇଲେ ଓ ହୋମବଳି ବେଦି ଉପରେ ଶୁଆଇଲେ, ସତରେ କି ଅବ୍ରହାମ୍ ପରମେଶ୍ୱରଙ୍କ ଆଜ୍ଞାବହ ହୋଇ ନିଜର ପ୍ରିୟ ପାତ୍ର ଇସ୍ହାକଙ୍କୁ ବଳି ଉତ୍ସର୍ଗ କରିବାକୁ ଯାଉଥିଲେ, ନିଜର

ଏକମାତ୍ର ପୁତ୍ରଙ୍କୁ ?





ହଁ, ଛୁରିର ଦାଢ଼
ଚକ୍ ଚକ୍ କରୁଥିଲା
ଯେତେବେଳେ ଅବ୍ରାହାମ୍ ତାହା
ଉପରକୁ ଉଠାଇଲେ, ତାଙ୍କର
ହୃଦୟ ଭାଙ୍ଗିଥାଇପାରେ, କିନ୍ତୁ
ଅବ୍ରାହାମ୍ ଜାଣିଥିଲେ ତାଙ୍କୁ
ପରମେଶ୍ୱରଙ୍କ ଆଜ୍ଞା ପାଳନ
କରିବା ଆବଶ୍ୟକ ।



ରହିଯାଅ,
ପରମେଶ୍ୱରଙ୍କର
ଜଣେ ଦୂତ ବଡ଼ ପାଟିରେ
କହିଲେ । ବର୍ତ୍ତମାନ୍
ମୁ ଜାଣେ ତୁମ୍ଭେ
ପରମେଶ୍ୱରଙ୍କୁ
ଭୟ କର ।



ତୁମ୍ଭେ ତୁମ୍ଭର
ଏକମାତ୍ର ପୁତ୍ରଙ୍କୁ
ସୁଧା ମୋ ସକାଶେ
ବଳି ଉତ୍ସର୍ଗ କରିବାରୁ
ବିମୁଖ ହେଲ
ନାହିଁ ।



ସେ ଗୋଟିଏ ମେଷକୁ ବୃକ୍ଷ ଗହଣରେ ଦେଖି,
ଅବ୍ରାହାମ୍ ଇସ୍ହାକଙ୍କର ବନ୍ଧନ ଖୋଲିଦେଲେ
ଓ ଇସ୍ହାକଙ୍କ ବଦଳରେ ସେହି
ମେଷଛାଗକୁ ହୋମବଳି ଉତ୍ସର୍ଗ
କଲେ ।

ହୋଇପାରେ ଇସ୍‌ହାକ ଭାବିଥିବେ ଯେ
ପରମେଶ୍ୱର ଯୋଗାନ୍ତି, ଯେପରି
ଭାବରେ ମୋହର ପିତା
କହିଥିଲେ ।



ଯେତେବେଳେ ପିତା ଓ ପୁତ୍ର ପରମେଶ୍ୱରଙ୍କ ଆରାଧନା କଲେ, ପ୍ରଭୁଙ୍କର ଜଣେ ଦୂତ ଅବ୍ରାହାମଙ୍କୁ କହିଲେ । ତୁମ୍ଭର ପୁତ୍ରଗଣଙ୍କ ନିମନ୍ତେ ଆମ୍ଭେ ସମସ୍ତ ଦେଶ ମାନଙ୍କୁ ଆଶିର୍ବାଦ କରିବା କାରଣ ତୁମ୍ଭେ ଆଜ୍ଞା ପାଳନ କଲ । ପରେ ଯୀଶୁଖ୍ରୀଷ୍ଟ ମଧ୍ୟ ଅବ୍ରାହାମଙ୍କର ବଂଶ ମଧ୍ୟରୁ ଜନ୍ମ ଗ୍ରହଣ କରିବେ ।



ଅବ୍ରହାମ୍ ଓ ଇସ୍ହାକ ନିଜ ଗୃହକୁ ଫେରି ଆସିଲେ, କେତେ ସମୟ ପରେ, ଦୁଃଖର ସମୟ ଆସିଲା, ସାରାଙ୍କର ମୃତୁ ଘଟିଲା । ଅବ୍ରହାମ୍ ନିଜର ପତ୍ନି ଓ ଇସ୍ହାକ୍ ନିଜର ମାତାଙ୍କୁ ହରାଇଲେ ।



ସମାଧି ପରେ, ଅବ୍ରହାମ୍
ନିଜର ଚାକରମାନଙ୍କର ମୁଖିଆଙ୍କୁ
ଇସ୍ହାକଙ୍କ ନିମନ୍ତେ ଗୋଟିଏ ସ୍ତ୍ରୀ ଦେଖିବା
ପାଇଁ ପଠାଇଲେ ।



ଚାକର ତାଙ୍କର ପୁରାତନ
ପିତୃ ପୁରୁଷଙ୍କ ଦେଶରେ
ଅବ୍ରାହାମଙ୍କ ଗୋଷ୍ଠିୟ ମାନଙ୍କ ପାଖକୁ ସ୍ତ୍ରୀ
ଖୋଜିବାକୁ ଗଲେ ।



ଚାକର ପରମେଶ୍ୱରଙ୍କୁ ଚିହ୍ନ ନିମନ୍ତେ ପ୍ରାର୍ଥନା କଲେ, କହିଲେ ଯେଉଁ ଯୁବତୀ ମୋହର ଓଟମାନଙ୍କୁ ପାଣି ପିଇବାକୁ ଦେବ ସେ ଇସ୍ହାକଙ୍କ ନିମନ୍ତେ ଉପଯୁକ୍ତ ପାତ୍ରୀ ହେବ ।



ସେହିକ୍ଷଣି ରେବେକା ନାମକ ଯୁବତି ତାଙ୍କର ଏଟ ମାନଙ୍କୁ ପାଣି ପିଇବାକୁ ଦେଲେ । ସେ ଅବ୍ରାହାମ୍ଙ୍କ ବଂଶଗତ ଥିଲେ । ଚ଼ାକର ଜାଣିଥିଲେ ଯେ ପରମେଶ୍ୱର ତାଙ୍କୁ ତାଙ୍କ ପ୍ରାର୍ଥନାର ଉତ୍ତର ଦେଇଅଛନ୍ତି ।





ରେବେକା ନିଜର ପରିବାରକୁ ତ୍ୟାଗ କରି ଇସ୍‌ହାକଙ୍କୁ ବିବାହ କରିବା ନିମନ୍ତେ ପ୍ରସ୍ଥାନ କଲେ । ସେ ତାଙ୍କର ମାତାଙ୍କର ମୃତୁ ପରେ ଇସ୍‌ହାକଙ୍କୁ ସାନ୍ତନା ଦେଲେ । ତାଙ୍କୁ ଇସ୍‌ହାକ୍ କିପରି ପ୍ରେମ କଲେ ।

ପରମେଶ୍ୱର ଅବ୍ରାହାମ୍‌ଙ୍କ ପ୍ରେମ ପରିକ୍ଷା କଲେ ।

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୨୨-୨୪

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬